# Akashvani, Sambalpur

## SAMBALPURI NEWS BULLETIN

### 2 July 2024- 6.47- 6.52 am.

**********************************************

ରଥଯାତ୍ରା ସମୀକ୍ଷା ବୈଠକ୍- ମୁଖ୍ୟମନ୍ତ୍ରୀ

ଆର୍‌ଏନ୍‌ୟୁ / ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ରଥଯାତ୍ରା ଲାଗି ଆଏଜ୍ ପୁରୀ ଟାଉନ୍ ହଲ୍ ନ ଶେଷ୍ ସମୀକ୍ଷା ବୈଠକ୍ ହେବା । ଇଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉପସ୍ଥିତ୍ ରହିକରି ରଥଯାତ୍ରାର୍ ପ୍ରସ୍ତୁତିର୍ ସମୀକ୍ଷା କର୍‌ବେ । ରଥଯାତ୍ରାଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର୍ ସହେତେ ବହୁତ୍‌ଟେ କେନ୍ଦ୍ରୀୟ ନେତା, ବିଶିଷ୍ଟ ବ୍ୟକ୍ତିଙ୍କର୍ ଆସ୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ଇଟାକେ ନଜର୍‌ଥି ରଖିକରି ସୁରକ୍ଷା ଆଉ ଦର୍ଶନ୍ ବ୍ୟବସ୍ଥାକେ ଶୃଙ୍ଖଲିତ୍ କର୍‌ବାର୍ ଉପ୍‌ରେ ଆଲୋଚନା କରାଯିବା ବଲି ଜନାପଡ଼ିଛେ । ଇ ବୈଠକ୍‌ଥି ଭିନ୍ ଭିନ୍ ମନ୍ତ୍ରୀ, ବରିଷ୍ଠ ପ୍ରଶାସନିକ ଅଧିକାରୀ, ବରିଷ୍ଠ ପୁଲିସ୍ ଅଧିକାରୀ, ସେବାୟତ ମାନେ ଉପସ୍ଥିତ୍ ରହେବେ ।

ରାଷ୍ଟ୍ରପତି-ଓଡ଼ିଶା ଗସ୍ତ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏବା ୬ ତାରିଖ୍ ନୁ ୯ ତାରିଖ୍‌ତକ୍ ୪ ଦିନିଆ ଓଡ଼ିଶା ଗସ୍ତଥି ଆସ୍‌ବେ । ଶ୍ରୀକ୍ଷେତ୍ର ପୁରୀର ରଥଯାତ୍ରାଥି ମାହାପୁରୁଙ୍କୁ ଦର୍ଶନ୍ କର୍‌ବାର୍ ସହେତେ ରାଏଜେ ହେବାର୍‌କେ ଥିବା ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ରାଷ୍ଟ୍ରପତି ଯୋଗ୍‌ଦେବେ । ରାଷ୍ଟ୍ରପତିଙ୍କର୍ ଗସ୍ତକେ ନଜର୍‌ଥି ରଖିକରି ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ଲୋକ୍‌ସେବା ଭବନ୍ ନ ଗଲାକାଏଲ୍ ଗୁଟେ ସମୀକ୍ଷା ବୈଠକ ହେଇଯାଇଛେ । ବୈଠକ୍‌ଥି ରାଷ୍ଟ୍ରପତିଙ୍କର୍ ରହଣୀ, ସୁରକ୍ଷା ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା ଆର୍ ଚିକିତ୍ସା, ସବୁ କାର୍ଯ୍ୟକ୍ରମ୍ ଜାଗା ନ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବାକେ ସୁନିଶ୍ଚିତ୍ କର୍‌ବାର୍ ଉପ୍‌ରେ ଆଲୋଚନା କରାଯାଇଛେ ।

ୟୁପିଏସ୍‌ସି ସିଭିଲ୍ ସର୍ଭିସ୍ ପ୍ରିଲିମିନାରୀ ପରୀକ୍ଷାଫଳ

ଆର୍‌ଏନ୍‌ୟୁ / ସମ୍ବଲପୁର

କେନ୍ଦ୍ରୀୟ ଲୋକସେବା ଆୟୋଗ - ୟୁପିଏସ୍‌ସି ସିଭିଲ୍ ସର୍ଭିସ୍ ପ୍ରିଲିମିନାରୀ ପରୀକ୍ଷାଫଲ୍ ବାହାରିଛେ । ୧୪ ହଜାର୍ ନୁ

ଅଏତ୍କା ପରୀକ୍ଷାର୍ଥୀ ଇ ପରୀକ୍ଷାଥି ପାସ୍ ହେଇଛନ୍ । ୟୁପିଏସ୍ସି ୱେବ୍ସାଇଟ୍ଥି ପାସ୍ ହେଇଥିବା ପରୀକ୍ଷାର୍ଥୀମାନ୍କର୍ ରୋଲ୍ ନମ୍ବର୍ ଜାରି ହେଇଛେ । ଆଏବା ଡିସେମ୍ବର୍ ୨୦ ତାରିଖ୍ ଦିନ ସିଭିଲ୍ ସର୍ଭିସ୍ର ମେନ୍ ପରୀକ୍ଷା ହେବା । ଇନ ଜନେଇ ଦିଆଯାଇପାରେ ଯେ, ୧ ହଜାର୍ ୫୬ ଟା ଭିନ୍ ଭିନ୍ ପଦ୍ଥି ନିଯୁକ୍ତି ଲାଗି ପରୀକ୍ଷା ହେଉଛେ ।

ଯୁକ୍ତ ଦୁଇ ନାଁଲେଖା- ଅବଧି ବଢ଼୍ଲା ଆର୍ଏନ୍ୟୁ /ସମ୍ବଲପୁର

ଯୁକ୍ତ ଦୁଇ ପହେଲାବଛର୍ର ନାଁଲେଖା ଲାଗି ଦର୍ଖାସ୍ତ ଆବେଦନ୍ ସମିଆକେ ଆଏବା ୧୨ ତାରିଖ୍ତକ୍ ବଢ଼େଇ ଦିଆଯାଇଛେ । ଆଘୋନୁ ଇ ସମିଆ ଜୁଲାଇ ୬ ତାରିଖ୍ତକ୍ ଥିଲା । ପହେଲା ଖେପ୍ ମେଧା ତାଲିକା ଆଏବା ୨୦ ତାରିଖ୍ ଦିନ ବାହାର୍ବା । ବଛା ହେଇଥିବା ଛାତ୍ରଛାତ୍ରୀମାନେ ୨୨ ନୁ ୨୭ ତାରିଖ୍ ଭିତ୍ରେ ନାଁଲେଖଇପାର୍ବେ ବଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ତର୍ଫୁ ସୂଚ୍ନା ମିଳିଛେ ।

ଓଡ଼ିଶା-ଜିଏସ୍ଟି ପ୍ରେସ୍ ରିଲିଜ୍

ଓଡ଼ିଶା ନ ରାଜ୍ୟ ଜିଏସ୍ଟି ସଂଗ୍ରହ ଆର୍ ଆଇଜିଏସ୍ଟିନୁ ଗଲା ଜୁନ୍ ମାସେ ୨ ହଜାର୍ ୩୯ କୋଟି ୭୧ ଲାଖ୍ ଟଙ୍କା ଠୁଲାଯାଇଛେ । ଯେନ୍ଟାକି ଗଲା ଆର୍ଥିକ୍ ବଛର୍ର ଜୁନ୍ ମାସ୍ନୁ ୨୩ ଦଶ୍ମିକ୍ ୫୬ ପ୍ରତିଶତ୍ ଅଏତ୍କା ଆଏ । ଚଲ୍ତି ଆର୍ଥିକ୍ ବଛ୍ରେ ଗଲା ଜୁନ୍ ମାସ୍ତକ୍ ୭ ହଜାର୍ କୋଟି ୯୮ ଲାଖ୍ ଟଙ୍କା ସଂଗ୍ରହ ହେଇଛେ । ଯେନ୍ଥିକି ୨୯ ପ୍ରତିଶତ୍ ଅଭିବୃଦ୍ଧି ହାସଲ୍ କରାଯାଇଛେ ବଲି ରାଜ୍ୟ ସିଟି ଆଉ ଜିଏସ୍ଟି କମିଶନର୍ ସୂଚ୍ନା ଦେଇଛନ୍ ।

ନୂଆଁ ଅପରାଧୀକ ଆଇନ-ପହେଲା ମାମ୍ଲା

ଆର୍ଏନ୍ୟୁ / ସମ୍ବଲପୁର

ଦେଶେ ୩ ଟା ନୂଆଁ ଅପରାଧୀକ ଆଇନ୍ ଲାଗୁ ହେବାର୍ ଉତ୍ରୁ ରାଜ୍ୟର୍ ପହେଲା ମାମ୍ଲା ଭୁବ୍ନେଶ୍ୱର୍ ଲକ୍ଷ୍ମୀସାଗର୍ ଥାନାଥି ରୁଜୁ ହେଇଛେ ବଲି ପୁଲିସ୍ ମହାନିର୍ଦ୍ଦେଶକ ଅରୁଣ୍ ଷଡ଼ଙ୍ଗୀ କହିଛନ୍ । ଲକ୍ଷ୍ମୀସାଗର୍ ଇଲାକାର୍ ଝନେ ଯୁଆନ୍ପିଲାଙ୍କୁ ଆକ୍ରମଣ୍ ହେଇଥିଲା । ଇତାକେ ନେଇକରି ସେ ଥାନା ନ

ଅଭିଯୋଗ୍ କରିଥିଲେ । ଅଭିଯୋଗ୍ ଉତ୍ରୁ ପୁଲିସ୍  ଭାରତୀୟ ନ୍ୟାୟ ସଂହିତାର୍ ଭିନ୍ ଭିନ୍ ଦଫାଥି ମାମ୍ଲା ରୁଜୁ କରିଛେ ।

ଓଡ଼ିଶା ହାଇକୋର୍ଟ ମାମ୍ଲା- ଇ-ଫାଇଲିଂ

ଆର୍ଏନ୍ୟୁ / ସମ୍ବଲପୁର

ଓଡ଼ିଶା ହାଇକୋର୍ଟ ନ ଆଏବା ୧୫ ତାରିଖ୍ନୁ ମାମ୍ଲା ମାନ୍କର୍ ଇ-ଫାଇଲିଂ କେ ବାଧ୍ୟତାମୂଲକ୍ କରାଯାଇଛେ । ସେନ୍ତା ଅଲ୍ଗା ଦସ୍ତାବିଜ୍ ଭିଲ୍ ଇ-ଫାଇଲିଂ କରାଯିବା ବଲି ହାଇକୋର୍ଟ ତର୍ଫୁ ଗୁଟେ ବିଜ୍ଞପ୍ତି ବାହାରିଛେ । ଇ-ଫାଇଲିଂ ପୋର୍ଟାଲ୍ ୩ ଦଶ୍ମିକ୍ ଶୂନ୍ ଜରିଏ ଇଟା କର୍ବାର୍କେ କୁହାଯାଇଛେ । ଇ ବ୍ୟବସ୍ଥାକେ ତହଁକାବାର୍ ଲାଗି ଆଇନ୍ଜୀବୀ ଆର୍ ସେମାନ୍କର୍ ସହାୟକ ମାନ୍କର୍ ଲାଗି ହାଇକୋର୍ଟ ପରିସର୍ ନ ଗୁଟେ ସ୍କେନିଂ ସେଂଟର୍ କରାଯାଇଛେ । ହାଇକୋର୍ଟ ୱେବ୍ସାଇଟ୍ଥି ଇ-ଫାଇଲିଂ ବାବ୍ଦେ ଗୁଟେ ମାର୍ଗଦର୍ଶିକା ମିଲୁଛେ ।

ରାଉର୍କେଲା ଷ୍ଟିଲ୍ ପ୍ଲାଂଟ୍- ଗେସ୍ ଲିକ୍   ଆର୍ଏନ୍ୟୁ / କଟକ୍

ରାଉର୍‌କେଲା ଷ୍ଟିଲ୍ ପ୍ଲାଂଟ୍‌ର ବ୍ଲାଷ୍ଟ ଫର୍ଣ୍ଣେସ୍‌ଥି ଗେସ୍ ଲିକ୍ ହେବାର୍‌ନୁ ୯ ଝନ୍ ଆହତ୍ ହେବାର୍ ଘଟ୍‌ନାଥି ରାଜ୍ୟ ଶ୍ରମ ଆଉ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ତଦନ୍ତ ନିର୍ଦ୍ଦେଶ୍ ଦେଇଛନ୍ । ସେ କହିଛନ୍ ଯେ, ଇ ଘଟ୍‌ନାଥି ଦୋଷୀମାନ୍‌କର୍ ବିରୋଧ୍‌ଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ଶ୍ରମ ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ଇ ବାବ୍‌ଦେ ତଦନ୍ତ୍ କରିକରି ରିପୋର୍ଟ ଦେବେ । ଇନ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ୍ ରାଉର୍‌କେଲା ଷ୍ଟିଲ୍ ପ୍ଲାଂଟ୍ ନ ଗେସ୍ ଲିକ୍ ହେଇଥିଲା । ଇଥି ୯ ଝନ୍ ଆହତ୍ ହେଇଥିଲେ ।

ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷଣ-ତାଲ୍‌ଗଛ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଚଡ଼କ୍ ମରାଥି ହେଉଥିବା ମୃତ୍ୟୁ ସଂଖ୍ୟା କମ୍ କର୍‌ବାର୍ ଲାଗି ସର୍‌କାର୍ ଭିନ୍ ଭିନ୍ ପଦକ୍ଷେପ୍ ନେଉଛନ୍ । ହେଥିର୍‌ଲାଗି ରାଏଜେ ଚଲ୍‌ତି ବଛର୍ ୧୯ ଲାଖ୍ ତାଲ୍‌ଗଛ୍ ଲଗାଯିବା ବଲି ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଦେବୀଦତ ବିଶ୍ୱାଲ୍ କହିଛନ୍ । ସେ କହିଛନ୍ ଯେ, ରାଜ୍ୟର୍ ୫୨ ଟା ଡିଭିଜନ୍ ନ ଥିବା ସବୁ ଫରେଷ୍ଟ ବ୍ଲକ୍ ପାର୍‌ରୀ ଖମ୍ବ୍ ଚାର୍‌ହିକୁତିଥି ୪ ଟା ଲେଖା ତାଲ୍‌ଗଛ୍

ଲଗାଯିବା । ଇଥିର୍‌ଲାଗି ସାଢ଼େ ୭ କୋଟି ଟଙ୍କା ଖର୍ଚ୍ଚା ହେବା । ଭୁବ୍‌ନେଶ୍ୱର୍, କଟକ୍ ସହେତେ ଓଡ଼ିଶାର୍ ସମୁଦ୍ରଖଁଡ଼ି ଇଲାକା ନ ବହୁତ୍‌ଟେ ତାଲ୍‌ଗଛ ଲଗାବାର୍ ଲାଗି ବ୍ୟବସ୍ଥା କରାଯାଇଛେ । ସେ ଆହୁରି କହିଛନ୍ ଯେ, ଜଙ୍ଗଲ୍ ବିଭାଗ୍‌ର ବିନା ଅନୁମତିଥି କେହିଭିଲ୍ ତାଲ୍‌ଗଛ୍ ନାଇଁ କାଟିପାରନ୍ । ଇ ନିୟମ୍ ନାଇଁ ମାନ୍‌ଲେ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ।

ପୁରୀ ଶ୍ରୀମନ୍ଦିର୍-ଖଳିଲାଗି ଏକାଦଶୀ ଆର୍‌ଏନ୍‌ୟୁ /ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ଖଳିଲାଗି ଏକାଦଶୀ ଅବ୍‌ସରେ ମାହାପୁରୁମାନ୍‌କର୍ ଖାସ୍ ପୂଜା କରାଯିବା । ଅଣସର ଘରେ ମାହାପୁରୁମାନ୍‌କର୍ ପୁରା ଶ୍ରୀଅଙ୍ଗଥି ଚନ୍ଦନ ଲାଗି ହେବା । ଇତାର୍‌ସହେତେ ବଡ଼ଦେଉଳ ନ ବିଜେକାହାଳି ବାଜ୍‌ବା । ସେନ୍ତା ବଡ଼ସିଂହାର ବେଶଥି ମାହାପୁରୁ ଗୀତଗୋବିନ୍ଦ ପାଟ ପିନ୍ଧ୍‌ବେ । ଅନବସରଥି ଗଲା ୧୦ ଦିନ୍ ହେଲା ତୁଲ୍‌ସୀ ଲାଗି ନାଇଁ ହେଉଥିବାର୍ ବେଲେ ଆଏଜ୍ ମାହାପୁରୁଙ୍କୁ ତୁଲ୍‌ସୀ ଆଉ ସୁବାଶିତ ଫୁଲ୍ ଲାଗି ହେବା । ବେଶ କରାଯିବାର୍ ଉତ୍‌ରୁ ଶ୍ରୀଜୀଉମାନ୍‌କୁ ରାଜପ୍ରସାଦ ଭୋଗ ଲାଗି କରାଯିବା ।

ଇତାର୍‌ସହେତେ ମହୌଷଧି ଲାଗି ହେବାର୍ ଉତ୍‌ରୁ ମାହାପୁରୁମାନେ ପୁରା ଭଲ୍ ହେବେ ।

ପାଣିପାଗ ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏଜ୍ ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ଦେବ୍‌ଗଡ଼୍ ସହେତେ ରାଜ୍ୟର୍ ୧୧ ଟା ଜିଲ୍ଲା ନ ବର୍ଷା ହେଇପାରେ । ସେନ୍ତା ଗଲାକାଏଲ୍ ଜଗତ୍‌ସିଂହପୁର୍ ନ ୨୦ ଦଶ୍‌ମିକ୍ ୧, ସମ୍ବଲ୍‌ପୁର୍ ଆର୍ ଭୁବ୍‌ନେଶ୍ୱର୍ ନ ୧୧ ଦଶ୍‌ମିକ୍ ୨ ଆର୍ ରାୟଗଡ଼ା ନ ୫ ଦଶ୍‌ମିକ୍ ୨ ମିଲିମିଟର୍ ବର୍ଷା ରେକର୍ଡ଼୍ କରାଯାଇଛେ ।